

୧୮ ବର୍ଷ ● ୯ମ ସଂଖ୍ୟା ● ମାର୍ଚ୍ଚ ୨୦୧୮

| | | |
|---|---|---|
| ଶ୍ରଦ୍ଧାଞ୍ଜଳି | : | ଚନ୍ଦ୍ରଶେଖର ରଥ, ପାର୍ବତୀ ଘୋଷ |
| ପ୍ରଚ୍ଛଦ ପ୍ରସଙ୍ଗ | : | କୋଟି ବ୍ରହ୍ମାଣ୍ଡ ସୁନ୍ଦରୀ |
| ବିଶେଷ ପ୍ରସଙ୍ଗ | : | ବହ୍ନିକନ୍ୟା ପାର୍ବତୀ |
| ବିବିଧ ପ୍ରସଙ୍ଗ | : | ପାଉଁଜି, ବଦଖର୍ଚ୍ଚ |
| କାଳଜୟୀ | : | ସୁରେନ୍ଦ୍ର ମହାନ୍ତି |
| ସାହିତ୍ୟ | : | ୩ଟି ମନନଶୀଳ ଗଳ୍ପ, ୧୨ଟି ମନୋରମ କବିତା, ଧାରାବାହିକ |
| ନିୟମିତ | : | ରାଶିଫଳ, ଆମ ରୋଷେଇ, ଘରକରଣା ଓ ଅନ୍ୟାନ୍ୟ ବିଭାଗ। |

### ଶ୍ରଦ୍ଧାଞ୍ଜଳି : ଚନ୍ଦ୍ରଶେଖର ରଥ, ପାର୍ବତୀ ଘୋଷ

ଗତ ଫେବୃଆରୀ ମାସରେ ବିଖ୍ୟାତ ଲେଖକ, ଚିନ୍ତକ, ବାଗ୍ମୀ, ଦାର୍ଶନିକ, ଚିତ୍ରକର ଓ ଶିକ୍ଷାବିତ୍ ଚନ୍ଦ୍ରଶେଖର ରଥ ଏବଂ ଉଚ୍ଚକୋଟୀର ଅଭିନେତ୍ରୀ, ପ୍ରଯୋଜିକା ଓ ନିର୍ଦ୍ଦେଶିକା ପାର୍ବତୀ ଘୋଷଙ୍କର ମହାପ୍ରୟାଣ ଘଟିଛି। ଉଭୟଙ୍କ ବିୟୋଗରେ 'କାଦମ୍ବିନୀ'ର ବିନମ୍ର ଶ୍ରଦ୍ଧାଞ୍ଜଳି।

### ପ୍ରଚ୍ଛଦ ପ୍ରସଙ୍ଗ : କୋଟି ବ୍ରହ୍ମାଣ୍ଡ ସୁନ୍ଦରୀ

ସୃଷ୍ଟିର ଶ୍ରେଷ୍ଠ କୃତି ନାରୀ। ସୌନ୍ଦର୍ଯ୍ୟର ଏକ ଅନୁପମ ସମ୍ଭାର। ନାରୀର ଏହି ଅନୁପମ ରୂପ ବିଭବ ଯୁଗଯୁଗ ଧରି ବିବିଧ ଭାବରେ ବର୍ଣ୍ଣନା ହୋଇ ଆସିଛି ସର୍ଜନାକାରଙ୍କ ସୃଜନୀରେ। ବହୁ କାବ୍ୟ କବିତା ରଚନା ହୋଇଆସିଛି ନାରୀର ରୂପ ସୌନ୍ଦର୍ଯ୍ୟକୁ ନେଇ। ନାରୀର ରୂପ ଲାବଣ୍ୟ ସର୍ବଦା ପ୍ରଲୁବ୍ଧ କରି ଆସିଛି ସାରା ଜଗତକୁ। ସବୁବେଳେ ସବୁକାଳେ ପ୍ରଶଂସିତ ହୋଇ ଆସିଛି ନାରୀର ସୌନ୍ଦର୍ଯ୍ୟ। ଏହି ପ୍ରଶଂସାର ସ୍ୱୀକୃତି ସ୍ୱରୂପ ଆଧୁନିକ କାଳରେ ଆରମ୍ଭ ହୋଇଛି ସୌନ୍ଦର୍ଯ୍ୟ ପ୍ରତିଯୋଗିତା, ଯାହା ଏବେ ବିଶାଳ କାୟା ମେଲିଛି। ହଁ, ଆମେ ଏଠାରେ ବିଶ୍ୱର ନାମିଦାମୀ ସୌନ୍ଦର୍ଯ୍ୟ ପ୍ରତିଯୋଗିତାର କଥା କହୁଛୁ। ଭାରତ ସୁନ୍ଦରୀ, ଏସିଆ ସୁନ୍ଦରୀ, ବିଶ୍ୱ ସୁନ୍ଦରୀ, ବ୍ରହ୍ମାଣ୍ଡ ସୁନ୍ଦରୀ- ଏମିତି କେତେ କ'ଣ ନାମରେ ସୁନ୍ଦରୀ ପ୍ରତିଯୋଗିତାମାନ ଆୟୋଜନ ହେଉଛି ଏବଂ ଏହି ପ୍ରତିଯୋଗିତାମାନ ନାରୀଙ୍କୁ ଏକ ଭିନ୍ନ ପରିଚୟ ଦେଉଛି, ପ୍ରତିଷ୍ଠା ଦେଉଛି, ପ୍ରତିଭାଙ୍କୁ ସାମ୍ନାକୁ ଆଣୁଛି, ସର୍ବୋପରି ନାରୀକୁ ସଶକ୍ତ କରୁଛି। ଅନ୍ତର୍ଜାତୀୟ ସ୍ତରର ଏହିଭଳି କେତୋଟି ପ୍ରସିଦ୍ଧ ତଥା ଲୋକପ୍ରିୟ ସୌନ୍ଦର୍ଯ୍ୟ ପ୍ରତିଯୋଗିତା ସମ୍ପର୍କରେ 'କାଦମ୍ବିନୀ'ର ଏକ ପ୍ରସ୍ତୁତି। ପରିକଳ୍ପନା: ଇତି ସାମନ୍ତ । ଉପସ୍ଥାପନା: ଅମିତାଭ ଖିଲାର

### ବିଶେଷ ପ୍ରସଙ୍ଗ: ବହ୍ନିକନ୍ୟା ପାର୍ବତୀ

### ଲେଖିକା : ଜିତେଶ୍ୱରୀ ଦାଶ

ପାର୍ବତୀ ଗିରି। ସ୍ୱାଧୀନତା ସଂଗ୍ରାମର ଜଣେ ଦୀପ୍ତିମନ୍ତ ତାରକା। ଚିର ବିପ୍ଳବିନୀ ତଥା ମାନବ ସେବା ପାଇଁ ସମର୍ପିତା ପ୍ରମିଳା ହେଉଛନ୍ତି ସେବା ଓ କରୁଣାର ମୂର୍ତ୍ତିମନ୍ତ ପ୍ରତୀକ। ଯଥାର୍ଥରେ ତାଙ୍କୁ ଓଡ଼ିଶାର ମଦର ଟେରେସା ବୋଲି କୁହାଯାଇଥାଏ। ଭାରତର ସ୍ୱାଧୀନତା ସଂଗ୍ରାମରେ ଯେମିତି ତାଙ୍କର ଭୂମିକା, ଦେଶ ସ୍ୱାଧୀନ ହେବା ପରେ ଦେଶବାସୀଙ୍କ କଲ୍ୟାଣ ନିମନ୍ତେ ତାଙ୍କର ସେବା ମଧ୍ୟ ସେତିକି ଉଲ୍ଲେଖନୀୟ। ଓଡ଼ିଶାର ନାମକୁ ଉଜ୍ଜ୍ୱଳ କରିଥିବା ଏହି ମହିୟସୀ ନାରୀଙ୍କ ସଂପର୍କରେ ଏକ ଆଲେଖ୍ୟ।

### ଅଳ୍ପ ଆଳାପ : ପୂଜା ମିଶ୍ର

ଓଡ଼ିଶା ବାହାରେ ସୌନ୍ଦର୍ଯ୍ୟ ଜଗତରେ ଯେଉଁ କେତେଜଣ ଓଡ଼ିଆ ଲଳନା ସୁନାମ ଅର୍ଜନ କରିଛନ୍ତି; ସେମାନଙ୍କ ମଧ୍ୟରେ ପୂଜା ମିଶ୍ର ଅନ୍ୟତମ। ୨୦୧୬ରେ ଏଫ୍‌ବିବି ମିସ୍ ପପୁଲାର ମିସ୍ ଇଣ୍ଡିଆ ପୁରସ୍କାର ହାସଲ କରି ସେ ଚର୍ଚ୍ଚାକୁ ଆସିଥିଲେ। ସେହିବର୍ଷ ସେ ଏଫ୍‌ବିବି ରୂପଶ୍ରୀ ରଜ ପୁରସ୍କାର ମଧ୍ୟ ଲାଭ କରିଥିଲେ। ଏହାଛଡା ଭାରତର ଯୁବ ଓ କ୍ରୀଡ଼ା ମନ୍ତ୍ରାଳୟ ଦ୍ୱାରା ଆୟୋଜିତ ଭାରତ-ମାଳଦ୍ୱୀପ ୟୁଥ୍ ଏକ୍ସଚେଞ୍ଜ କାର୍ଯ୍ୟକ୍ରମରେ ଭାରତୀୟ ଆମ୍ବାସଡର ଭାବେ ସେ ଯୋଗ ଦେଇଥିଲେ। ବେଶ୍ ଉଚ୍ଚଶିକ୍ଷିତା ପୂଜା ସମାଜ ସେବାରେ ମଧ୍ୟ କାର୍ଯ୍ୟ କରୁଛନ୍ତି। 'କାଦମ୍ବିନୀ' ପ୍ରଚ୍ଛଦ ପୃଷ୍ଠାରେ ସ୍ଥାନ ପାଇବା ଅବସରରେ ତାଙ୍କ ସହ ଏକ ଅଳ୍ପ ଆଳାପ। ସାକ୍ଷାତ: ଅମିତାଭ ଖିଲାର

### ବିବିଧ ପ୍ରସଙ୍ଗ : ପାଉଁଜି

ନାରୀର ଷୋଳ ଶୃଙ୍ଗାର ଓ ଗହଣା ବେଶ ପରିପାଟିରେ ପାଉଁଜି ଏକ ମହତ୍ତ୍ୱପୂର୍ଣ୍ଣ ଅଂଶ। ନାରୀର ସୌନ୍ଦର୍ଯ୍ୟକୁ ଏହା ପୂର୍ଣ୍ଣତା ପ୍ରଦାନ କରିଥାଏ। ସାମାଜିକ ଓ ପାରିବାରିକ ସଂସ୍କୃତି ପରମ୍ପରା ସହ ବେଶ୍ ଯୋଡ଼ିହୋଇଯାଇଛି ପାଦର ଏହି ଗହଣା। ନାରୀ ସୌନ୍ଦର୍ଯ୍ୟର ଆକର୍ଷଣୀୟ ଅଳଙ୍କାର ପାଉଁଜିକୁ ନେଇ ଏକ ଆଲେଖ୍ୟ। ଉପସ୍ଥାପନା: ଶ୍ୱେତା ରାଉତ

### ବିବିଧ ପ୍ରସଙ୍ଗ : ବଦଖର୍ଚ୍ଚ

ଆଜିର ମହଙ୍ଗା ଯୁଗରେ ସଞ୍ଚୟ କରିବା ଏକ କଠିନ କାର୍ଯ୍ୟ। ପୁଣି ଦିନକୁଦିନ ଦରଦାମ୍ ଯେଉଁଭଳି ଭାବରେ ବଢୁଛି ସେଥିରେ ବଦଖର୍ଚ୍ଚ ବିଷୟରେ ଭାବି ମଧ୍ୟ ହୁଏନା। ପୁଣି ଜଣେ ଯେତେ ମିତବ୍ୟୟୀ ହୋଇଥାଆନ୍ତୁନା କାହିଁକି, କେବେକେବେ ସାମାନ୍ୟ ଦାୟିତ୍ୱହୀନତା ଯୋଗୁ

ଅସ୍ଥିର ହୋଇପଡ଼େ ଆର୍ଥିକ ସ୍ଥିତି। ଆୟଠୁ ବ୍ୟୟ ବଳିଗଲେ ବଢ଼ିବଢ଼ି ଚାଲେ ହାତ ଉଧାରି; ଯେଉଁଥିପାଇଁ ଘାରି ବସେ ବିଷାଦ। ତେବେ ବଦଖର୍ଚ୍ଚରୁ ବର୍ତ୍ତିବେ କିପରି ? କ'ଣ ଏହାର ଉପାୟ ଆସନ୍ତୁ ଜାଣିବା।

**କାଳଜୟୀ : ସୁରେନ୍ଦ୍ର ମହାନ୍ତି**

ଓଡ଼ିଆ ସାହିତ୍ୟର ଅନ୍ୟତମ ପ୍ରବାଦ ପୁରୁଷ ସୁରେନ୍ଦ୍ର ମହାନ୍ତିଙ୍କର ଜୀବନକାଳ ଥିଲା ୧୯୨୨ରୁ ୧୯୯୦। ଗଦ୍ୟ ସାହିତ୍ୟର ଏମିତି କୌଣସି ବିଭାଗ ନାହିଁ ଯେଉଁଥିରେ ସେ ଲେଖନୀ ଚାଳନା କରି ନାହାନ୍ତି। ଗଳ୍ପ, ଉପନ୍ୟାସ, ନାଟକ, ଜୀବନୀ, ଭ୍ରମଣ କାହାଣୀ, ସମାଲୋଚନା, ପ୍ରବନ୍ଧ ଓ ଆଲେଖ୍ୟ; ସବୁଥିରେ ସେ ତାଙ୍କର ନିଜସ୍ୱ ଚିହ୍ନ ଛାଡିଯାଇଛନ୍ତି। ୧୯୩୮ ମସିହାରେ ତାଙ୍କର ପ୍ରଥମ ଗଳ୍ପ 'ବନ୍ଦୀ'ଠାରୁ ଆରମ୍ଭ କରି ସ୍ତମ୍ଭଲେଖ 'ଶେଷସ୍ତମ୍ଭ' ପର୍ଯ୍ୟନ୍ତ ବିପୁଳ ରଚନାରେ ତାଙ୍କ ଅନୁଭୂତିର ନିବିଡ଼ ଅଭିବ୍ୟକ୍ତିକୁ ପାଠକ ଅନୁଭବ କରିପାରେ। ଚମତ୍କାର ଭାଷା ବିନ୍ୟାସ ମାଧ୍ୟମରେ ବିଷୟବସ୍ତୁଟିକୁ ସେ ଏପରି ପରିବେଷଣ କରିଦିଅନ୍ତି, ପାଠକକୁ ଲାଗେ ଯେମିତି ସେଠି ଘଟୁଥିବା ଘଟଣାଗୁଡ଼ିକୁ ସେ ନିଜେ ସାମନାରେ ଦେଖୁଛି। ଓଡ଼ିଆ ଗଳ୍ପ ଭଣ୍ଡାରରେ 'ବାସି ମଡ଼ା' ଏକ ଅମୂଲ୍ୟ ସଂଯୋଜନ। ଗ୍ରାମ୍ୟ ଜୀବନ, ସମାଜ ଓ ସମ୍ପର୍କକୁ ନେଇ ଲିଖିତ ଗଳ୍ପଟିର ରଚନାକାଳ ବେଶ୍ ପୁରୁଣା ହେଇଥିଲେ ମଧ ତାର ଆକର୍ଷଣ ଓ ଆବେଦନ ଆଜି ବି ସେହିଭଳି ସତେଜ ଓ ପ୍ରଖର। ତେଣୁ କାଳଜୟୀ ସ୍ତମ୍ଭରେ ସୁରେନ୍ଦ୍ର ମହାନ୍ତିଙ୍କର ଏହି ବିଶେଷ ଗଳ୍ପଟିକୁ ଆମେ ବିଜ୍ଞ ଓଡ଼ିଆ ପାଠକଙ୍କ ପାଖରେ ପରଷି ଦେଉଛୁ। ଗଳ୍ପଟିକୁ ବିଭିନ୍ନ ଦିଗରୁ ଆଲୋଚନା କରିଛନ୍ତି ଗିରୀଶ ଚନ୍ଦ୍ର ସାହୁ। ପାଠକଙ୍କୁ ଏହା ନିଶ୍ଚିତ ଭଲ ଲାଗିବ ବୋଲି ମୋର ବିଶ୍ୱାସ। - ସମ୍ପାଦିକା

**ଗଳ୍ପ : ମୁକ୍ତି**
**ଲେଖିକା : ଦୀପ୍ତି ପଟନାୟକ**

ଅନ୍ୟମନସ୍କ ଭାବରେ ଚାଲୁଚାଲୁ ଓ ମନେମନେ ଅତୀତଚାରଣା କରୁକରୁ ସୁଲତାଦେବୀଙ୍କ ଡାକରେ ଚମକି ପଡ଼ି ପଛକୁ ଚାହିଁଲେ ଶୋଭା। ସାମାନ୍ୟ ହସି ସେ ସୁଲତାଙ୍କୁ ପଚାରିଲେ, "କେତେବେଳେ ଫେରିଲେ ? ନାତିର ଜନ୍ମଦିନ ଭଲରେ ଭଲରେ ହୋଇଗଲା ? ଦି'ଚାରିଦିନ ରହିବାର କଥା ଥିଲା ପରା, ଚାଲିଆସିଲେ ଯେ !"

**ଗଳ୍ପ : ପେନସନ୍**
**ଲେଖିକା : ପୁଷ୍ପାଞ୍ଜଳି କର**

ସିଏ ଖାଇସାରି ଶୋଇବାକୁ ଗଲେ। ବିଛଣାରେ ପଡୁପଡୁ ଘୁଙ୍ଗୁଡି ମାରିବା ଆରମ୍ଭ ହେଇଗଲା ତାଙ୍କର। ଅନାୟାସରେ କହିଦେଲେ, କାହିଁକି ଅନ୍ୟ କଥାରେ ମୁଣ୍ଡ ପୂରାଉଛ ବୋଲି। ସତକଥା। ଦେଖିବାକୁ ଗଲେ ସୁମିତ୍ରାଖୁଡ଼ୀ ମୋ ନିଜର ରକ୍ତ ସମ୍ପର୍କୀୟ ନୁହନ୍ତି। କିନ୍ତୁ ରକ୍ତ ସମ୍ପର୍କଠାରୁ ଢେର ଉପରେ ଯେ ଆଉ ଗୋଟିଏ ସମ୍ପର୍କ ଥାଏ - ଭାବର ସମ୍ପର୍କ, ସେଇଟାକୁ ବୁଝିବାର ସାମର୍ଥ୍ୟ କେତେଜଣଙ୍କର ଅବା ଥାଏ !

**ଗଳ୍ପ : କାଲେ ହଜିଯିବ**
**ଲେଖିକା : ସ୍ୱାଗତିକା ସେଠୀ**

ରମୁ ମା' କହିଲା, "ମା', ଆପଣ ବଡ଼ ଲୋକ। ତେଣୁ ଏମିତି ଚିଜ ଦେଇ ପାରିବେ। ହେଲେ ଆପଣ ତାକୁ ଏମିତି ମୋହ ଲଗାନ୍ତୁନି। ପିଲାଟା ବିଗିଡ଼ି ଯିବ। ଆମେ ଆଜ୍ଞା ମଳିମୁଣ୍ଡିଆ ଲୋକ। ମୋତେ ମାଗିଲେ ମୁଁ ତ, ଆଜ୍ଞା, ଦେଇ ପାରିବିନି। କାହୁଁ ଏସବୁ ଚିଜ ଆଣିବି ? ରମୁ ଆପଣଙ୍କୁ ଭାରି ଶରଧା କରେ। ମୁଁ ଘରକୁ ଫେରିଲେ କେତେ କ'ଣ ଆପଣଙ୍କ କଥା କହେ।"

**ଗଳ୍ପ : ଅନ୍ଧାର**
**ଲେଖିକା : ପ୍ରୀତିଶ୍ରୀ ମହାନ୍ତି**

ରାଜୀବର କଥା ଶୁଣି ରାନୁର ସୁନ୍ଦର ଆଖିଦୁଇଟି ଲୁହରେ ଭରିଗଲା। ମନ ଭିତରେ ଅସୁମାରୀ ଆବେଗର ବନ୍ୟା। ପ୍ରକାଶ୍ୟରେ କହିଲା, "ମତେ ତୁମପରି କଥା କହି ଆସେ ନାହିଁ।" କିନ୍ତୁ ମୁଁ ବହୁତ ସ୍ୱାର୍ଥପର। ମୋ 'କଳାକାହ୍ନୁ' ପାଇଁ ମୁଁ ସାରାଜୀବନ ବି ଅପେକ୍ଷା କରିପାରେ। ସେଥିରୁ ମତେ କେହି ବଞ୍ଚିତ କରିପାରିବେ ନାହିଁ। ରାଜୀବ ଏଥର ରାନୁର ହାତ ଦୁଇଟିକୁ ନେଇ ନିଜ ଓଠରେ ଲଗାଇଲା ଓ ତା'ର ଲୁହ ପୋଛି ଦେଇ କହିଲା- ଡିଲ୍ ? ରାନୁ ମୁଣ୍ଡ ହଲେଇ ସମ୍ମତି ଜଣେଇଲା।

**ଗଳ୍ପ : ପରଗୋତ୍ରୀ**
**ଲେଖିକା : ହେମଲତା ଜେନା**

ପୁନଶ୍ଚ ନିଜ ମନକୁ ନିଜେ ବୁଝାଉଥିଲା ଅନି। ମୋତେ କୌଣସି ମାଙ୍ଗଳିକ କାର୍ଯ୍ୟରେ ଭାଗନେବାର ସୁଯୋଗ ନ ମିଳିଲେ କ'ଣ ହେଲା। ସେସବୁଥିରୁ ମୋତେ ନିବୃତ୍ତ ରହିବାକୁ ହେଲେ ତ ଅଧିକ ସମୟ ମିଳିଯିବ ଅନ୍ୟାନ୍ୟ ସମାଜମଙ୍ଗଳ କାର୍ଯ୍ୟ ପାଇଁ ଓ ଶିକ୍ଷକତାରେ ପରିମାର୍ଜନା ପାଇଁ ସମୟ ତ ମିଳିଯିବ !

### କବିତା
ଏଥର କବିତାରେ ରହିଛି: **ପ୍ରତିଭା ଶତପଥୀଙ୍କ ‘ବିବାହ : ସେଦିନ ଓ ଆଜି’, ଚିରଶ୍ରୀ ଇନ୍ଦ୍ରସିଂଙ୍କ ‘ଶାଢ଼ି - ୨୨’, ପ୍ରତିଭା ପରିଡ଼ାଙ୍କ ‘କେହି ଜଣେ ଆସିବାର ଥାଏ’।**

### ଧାରାବାହିକ ଉପନ୍ୟାସ : ଜୀବନପାତ୍ର (ଊନବିଂଶ ଭାଗ)
### ଲେଖକ : ରାମଚନ୍ଦ୍ର ବେହେରା
ବେବିର ଉଗ୍ରତା ଓ କ୍ରୋଧ ଯୋଗୁଁ ସଙ୍କୁଚିତ ଓ ଭୟଭୀତ ହୋଇ ପଡ଼ିଥିଲା ଶିବାନୀ। ସେ ଅପରାଧୀ ଭଳି ଠିଆ ହେବା ମାତ୍ରେ- “ମୁଁ କହିଥିଲି ଯେ ରାତି ଏଗାରଟା ପରେ ଜାଫ୍ରି ଆଉ ଖୋଲା ହେବନି। ତୁ କବାଟ ଖୋଲିଲୁ କାହିଁକି ଏ ଲୋକ ପାଇଁ? କାହିଁକି ଖୋଲିଲୁ?”

### ଭ୍ରମଣ କାହାଣୀ : ମୋ ୟର୍କାରୁ ପୃଥିବୀ
### ଲେଖିକା: ସୁସ୍ମିତା ବାଗଚୀ
ମୋ ସାଙ୍ଗ ରଞ୍ଜନା ଫୋନ୍‌ରେ କଥା କହୁକହୁ କହିଲା ଯେ ସେମାନେ ଏଇ ଛୁଟି ଭିତରେ ଦିନେ ନ୍ୟୁୟର୍କ ଯାଇ ‘ରେଡିଓ ସିଟି ମ୍ୟୁଜିକାଲ୍ ଶୋ’ ଦେଖିଆସିଲେ। ‘ରେଡିଓ ସିଟି’ ନାଁଟି ମୁଁ ଏହା ଭିତରେ ବାରମ୍ବାର ଶୁଣି ଆସୁଥିଲି। ବିଶେଷ କରି ଟେଲିଭିଜନ୍‌ରେ। ବାରମ୍ବାର ବିଜ୍ଞାପନ ଆସୁଥିଲା ବିଭିନ୍ନ ଚ୍ୟାନେଲ୍‌ରେ। ଦିନେ ଗୋଟିଏ ନିଉଜ୍ ଶୋରେ ମଧ୍ୟ ତା’ର ସବିସ୍ତାର ଆଲୋଚନା ହେଲା। ଶୁଣିଶୁଣି ମନରେ କୌତୂହଳ- ନୂଆ ରକମର ଜିନିଷଟିଏ। ଦେଖିବାକୁ ଗଲେ କେମିତି ହୁଅନ୍ତା? ଅବଶ୍ୟ ରଞ୍ଜନାଠୁଁ ଶୁଣିଥିଲି ଯେ ଟିକେଟର ଦାମ ଆକାଶଛୁଆଁ। କିନ୍ତୁ ଥରକର କଥା ଯେତେ ଯାହା ହେଲେ। ଏତେ ପାଖରେ ରହି ଯଦି ଆମେ ନ ଯାଉ, ତା’ହେଲେ ଗୋଟିଏ ବଡ଼ ସୁଯୋଗ ହାତଛଡ଼ା ହୋଇଯିବ।

### ଚଳନ୍ତିକା
ଏ ମାସରେ ଚଳନ୍ତିକା ପୃଷ୍ଠାରେ ରହିଛି: ବ୍ରହ୍ମପୁର ବିଶ୍ୱବିଦ୍ୟାଳୟର ସମାବର୍ତ୍ତନ ଉତ୍ସବ, ମୁଖ୍ୟମନ୍ତ୍ରୀଙ୍କୁ ସମ୍ବର୍ଦ୍ଧନା, ଗୁରୁ ପ୍ରଣାମ ଉତ୍ସବ, ଦେବରାୟ କଲେଜର ବାର୍ଷିକୋତ୍ସବ, କମଳ ଦେଶ ରାଜକୁମାର, ଜାପାନୀ ଚଳଚ୍ଚିତ୍ର ଉତ୍ସବ, କ୍ୟାପିଟାଲ ଉଚ୍ଚ ବିଦ୍ୟାଳୟର ବାର୍ଷିକୋତ୍ସବ ଓ ଚାଣକ୍ୟ ସମ୍ମାନ।

### ମନୋରଞ୍ଜନ
ଏ ମାସର ମନୋରଞ୍ଜନ ପୃଷ୍ଠାରେ ଅଛି: ଯୋଉଠି ଥିଲେ ବି ତୁ ମୋର, ଫିଲ୍ ମାଇଁ ଦିଲ୍, ଶକ୍ତି, ଓଲେ ଓଲେ ଦିଲ୍ ବୋଲେ, କୋଟିଏରେ ଗୋଟିଏ ମନ, ବିଶ୍ୱନାଥ।

### ଆମ ରୋଷେଇ
ଏ ମାସର ରୋଷେଇ ପୃଷ୍ଠାରେ ଅଛି: **କଖାରୁ ଫୁଲ ଭଜା, କଖାରୁ ଫୁଲ କୋଫ୍‌ତା, ଝୁଡ଼ଙ୍ଗ ଘୁଗୁନି, ପୁରଦିଆ ପୋଟଳ, କଞ୍ଚା କଦଳୀ କଟ୍‌ଲେଟ୍ ଓ କାରାମେଲ୍ କଷ୍ଟାର୍ଡ।**

### ରାଶିଗଣନା ଓ ତିଥି-ବାର-ବେଳା
ମାର୍ଚ୍ଚ ମାସର ରାଶିଫଳ ସାଙ୍ଗକୁ ମାର୍ଚ୍ଚ ଓ ଅପ୍ରେଲ୍ ମାସରେ ପଡୁଥିବା ବିଭିନ୍ନ ପର୍ବପର୍ବାଣି, ଜନ୍ମତିଥି ଇତ୍ୟାଦି ରହିଛି।

### ଘରକରଣା
ଏଥର ମଧ୍ୟ ଘରକରଣାରେ ରହିଛି କେତୋଟି ଘର ଉପଯୋଗୀ ଟିପ୍ସ।

### ରୂପଚର୍ଯ୍ୟା
ଏଥର ମଧ୍ୟ ରୂପଚର୍ଯ୍ୟାରେ ରହିଛି କେତୋଟି ରୂପ ଉପଯୋଗୀ ଟିପ୍ସ।

### ସ୍ୱାସ୍ଥ୍ୟ ସୂଚନା : ଗର୍ଭାଶୟ କର୍କଟ
ମହିଳାମାନଙ୍କ ପ୍ରଜନନ ଅଙ୍ଗ ବିଷୟରେ ଖୋଲାଖୋଲି ଆଲୋଚନା କରିବାକୁ ସମସ୍ତେ ସଙ୍କୋଚ କରିଥାନ୍ତି। ସେହିପରି ମହିଳାମାନଙ୍କ ପ୍ରଜନନ ଅଙ୍ଗ କର୍କଟ ରୋଗ ବିଷୟରେ ଆଜି ମଧ୍ୟ ଅନେକ ସଚେତନ ନାହାଁନ୍ତି। ଉଦାହରଣସ୍ୱରୂପ ଯଦି ଜଣେ ବ୍ୟକ୍ତିଙ୍କୁ ମୁଖ କ୍ୟାନସର ହେଲା, ତେବେ ସିଏ ମୁଖ କ୍ୟାନସର ବିଶେଷଜ୍ଞଙ୍କ ପାଖକୁ ପରାମର୍ଶ ପାଇଁ ଯାଇଥାନ୍ତି। ମାତ୍ର ଯଦି କୌଣସି ମହିଳା ରୋଗୀଙ୍କୁ ଦୁର୍ଗନ୍ଧଯୁକ୍ତ ଧଳା ସ୍ରାବ ହେଲା ତେବେ ସିଏ ପ୍ରଥମେ ତାକୁ ସାଧାରଣ କଥା ବୋଲି ଭାବି ଚୁପ ରହିଯାନ୍ତି। ଫଳରେ ଡାକ୍ତରଙ୍କ ପାଖକୁ ଗଲା ବେଳକୁ ବହୁତ ଡେରି ହୋଇଯାଇଥାଏ। ସେହି ଅଳ୍ପ ଆଲୋଚିତ ରୋଗ ବିଷୟରେ ଡ. ଉଷାଶ୍ରୀ ଦାସଙ୍କ ସ୍ୱାସ୍ଥ୍ୟ ସୂଚନା।

■■■